# ଜଳେଶ୍ୱରରେ ସ୍ଥାୟୀ ବସ୍‌ଷ୍ଟାଣ୍ଡ କେବେ



**ଜଳେଶ୍ୱର, ୧୫।୧ (ସମିସ)**

ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ସହର ଏକ ପ୍ରମୁଖ ସ୍ଥାନ ହୋଇଥିଲେ ମଧ୍ୟ ଏଠାରେ ସ୍ଥାୟୀ ବସ୍‌ଷ୍ଟାଣ୍ଡ ନାହିଁ। ତେଣୁ ସହରର ମୁଖ୍ୟ ଜନଗହଳିସ୍ଥାନ ଷ୍ଟେସନବଜାରର ରାସ୍ତାକଡରେ ପ୍ରତିଦିନ ଜଳେଶ୍ୱରରୁ ବିଭିନ୍ନ ସ୍ଥାନକୁ ଯାତାୟାତ କରୁଥିବା ଶହ ଶହ ବସ୍‌ଯାତ୍ରୀ ଅପେକ୍ଷା କରୁଥିଲେ ମଧ୍ୟ ସର୍ବନିମ୍ନ ବ୍ୟବସ୍ଥା ମଧ୍ୟ ଏଠାରେ ନାହିଁ। ଖରା, ଶୀତ, କାକରରେ ଯାତ୍ରୀମାନେ ବସ୍‌କୁ ଅପେକ୍ଷା କରିଥିବା ବେଳେ ସ୍ଥାୟୀଭାବେ ବସ୍ ରହିବାର ବ୍ୟବସ୍ଥା ନାହିଁ। ଜଳେଶ୍ୱରରୁ ଦୀଘା, ଚନ୍ଦନେଶ୍ୱର, ରାଇବଣିଆ, ପୁରୀ, ଭୁବନେଶ୍ୱର, କଟକ, କେନ୍ଦୁଝର, ରାଉରକେଲା, ବାଲେଶ୍ୱର, ଧାମରା, ବାଲିଆପାଳ, କୋଲକତା, ଦୁର୍ଗାପୁର, ମେଦିନୀପୁର, ଖଡଗପୁର, କାନ୍‌ଠି ଇତ୍ୟାଦି ସ୍ଥାନକୁ ପ୍ରତିଦିନ ଶତାଧିକ ବସ୍ ଯାତାୟାତ କରୁଥିବା ବେଳେ ବସ୍‌ଗୁଡ଼ିକର ରହଣି କିମ୍ବା ଅଟକିବା ଲାଗି ସ୍ଥାୟୀ ବସ୍‌ଷ୍ଟାଣ୍ଡ ନାହିଁ। ଫଳରେ ବସ୍‌ଗୁଡିକ ଷ୍ଟେସନ ବଜାରର ରାସ୍ତାଉପରେ ଗୋଟିଏ ପରେ ଗୋଟିଏ ଆସି ଛିଡାହେଉଥିବା ବେଳେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥାଏ। ତେଣୁ ବସ୍ କର୍ମଚାରୀ ଓ ସ୍ଥାନୀୟ ବସ୍ ମାଲିକ ସଂଘ ଅସୁବିଧାର ସମ୍ମୁଖୀନ ହୁଅନ୍ତି। ଦୂରଦୂରାନ୍ତକୁ ଯାଉଥିବା ଯାତ୍ରୀମାନେ ମଧ୍ୟ ବସ୍ ସଂପର୍କରେ କୌଣସି ସୂଚନା ପାଇ ପାରନ୍ତି ନାହିଁ। କେଉଁ ବସ୍ କେଉଁଆଡେ, କେତେବେଳେ ଯାତାୟାତ ହେବ ସେ ସଂପର୍କରେ କୌଣସି ସୂଚନା କେନ୍ଦ୍ର କିମ୍ବା ସାଇନ୍‌ବୋର୍ଡ ମଧ୍ୟ ନାହିଁ। ଏପରିକି କେଉଁ ବସ୍‌ରେ କେଉଁସ୍ଥାନକୁ ଗଲେ କେତେ ଭଡା ସେ ସଂପର୍କରେ ମଧ୍ୟ କୌଣସି ସୂଚନା ଫଳକ ନାହିଁ। ସ୍ଥାୟୀ ବସ୍‌ଷ୍ଟାଣ୍ଡ ନଥିବାରୁ ଶୌଚାଳୟ, ସ୍ନାନାଗାର, ପ୍ରେକ୍ଷାଳୟ, ଭୋଜନାଳୟ, ପିଇବାପାଣିର ମଧ୍ୟ କୌଣସି ବ୍ୟବସ୍ଥା ନାହିଁ। ଫଳରେ ଦିବାରାତ୍ର ଯାତାୟାତ କରୁଥିବା ବସ୍‌ଯାତ୍ରୀ ଓ କର୍ମଚାରୀମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବସ୍‌ଟିଏ ଆସିଲେ ଯାତ୍ରୀମାନେ ଦୌଡାଦୌଡି କରୁଥିବା ବେଳେ ଦୁର୍ଘଟଣାର ଶୀକାର ମଧ୍ୟ ହେଉଛନ୍ତି। ବସ୍ ମାଲିକ ସଂଘ, ଜନସାଧାରଣ ଓ ବିଭିନ୍ନ ସାମାଜିକ ସଂଗଠନମାନଙ୍କ ପକ୍ଷରୁ ଦାବି ପରେ ଏବେ ୬୦ନଂ ଜାତୀୟ ରାଜପଥ ଲକ୍ଷ୍ମଣନାଥସ୍ଥିତ କୋର୍ଟ ସମ୍ମୁଖ ସ୍ଥାନରେ ବସ୍‌ଷ୍ଟାଣ୍ଡ ନିର୍ମାଣ ହେବାର ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ସହର ମଧ୍ୟରେ ସ୍ଥାନର ଅଭାବ ଦର୍ଶାଇ ପ୍ରାୟ ୪କି.ମି. ଦୂରରେ ଥିବା ବାଣିଜ୍ୟକର ବିଭାଗର ୩.୦୫ ଡିସିମିଲ ଜମି ଉପରେ ଏହା ନିର୍ମାଣ ହେବାର ଯୋଜନା ରହିଥିବା ଜଣାଯାଇଛି। ଏଥିଲାଗି ତହସିଲଦାରଙ୍କ ପକ୍ଷରୁ ମାପଚୁପ କାମ ସରିଛି। ଏହା ମଧ୍ୟରେ ୧ ବର୍ଷ ବିତିଯାଇଥିଲେ ମଧ୍ୟ କାର୍ଯ୍ୟର କୌଣସି ଅଗ୍ରଗତି ଦେଖିବାକୁ ମିଳୁନାହିଁ। ଏ ସଂପର୍କରେ ତହସିଲଦାର ସତ୍ୟଜିତ୍ ମହାନ୍ତିଙ୍କୁ ପଚାରିବାରୁ ବାଣିଜ୍ୟକର ବିଭାଗ ଅଧିନରେ ଥିବା ଉକ୍ତ ଜମିକୁ ପରିବହନ ବିଭାଗକୁ ହସ୍ତାନ୍ତର ହେବାରେ ଜିଲା ପ୍ରଶାସନ ନିକଟରେ ଅଟକି ରହିଛି। ସବୁ ବସ୍ ଗୁଡିକ ରେଳ ଷ୍ଟେସନ ନିକଟକୁ ଯାଇ ସେଠାରୁ ଗନ୍ତବ୍ୟସ୍ଥାନକୁ ଯାଉଥିବାରୁ ଷ୍ଟେସନବଜାର ଠାରେ ଏକ ଛୋଟ ବସ୍‌ଷ୍ଟାଣ୍ଡର ଆବଶ୍ୟକ ରହିଥିବା ସଂପର୍କରେ ବସ୍ ମାଲିକ ସଂଘ ସଭାପତି ସୁଧିର କୁମାର ମହାନ୍ତି କହିଛନ୍ତି। ଜଳେଶ୍ୱର ସହର ପଶ୍ଚିମବଂଗ ସୀମାନ୍ତ ଅଂଚଳ ହୋଇଥିବାରୁ ଏଠାରେ ଖୁବ୍‌ଶୀଘ୍ର ଆନ୍ତରାଜ୍ୟ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯିବାକୁ ବୁଦ୍ଧିଜୀବୀ ମହଲରେ ଦାବି ଜୋର ଧରିଛି।

**● ନାହିଁ ସରକାରୀ କିମ୍ବା ବେସରକାରୀ ବସ୍‌ଷ୍ଟାଣ୍ଡ**

**● ରାସ୍ତାକଡରେ ଯାତ୍ରୀମାନଙ୍କ ଅପେକ୍ଷାର ଅନ୍ତଃ କେବେ ?**

## ଏଆଇଡିଏସଓ ପକ୍ଷରୁ ଫକୀରମୋହନ ଜୟନ୍ତୀ

**ଭୋଗରାଇ, ୧୫।୧ (ସମିସ):** ଭୋଗରାଇ ବ୍ଲକ ଦେହୁର୍ଦ୍ଦା ପଞ୍ଚାୟତର ଅନ୍ତର୍ଗତ ଥାନାଛକଠାରେ ଏଆଇଡିଏସଓ ଭୋଗରାଇ ଶାଖା ପକ୍ଷରୁ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ୧୮୩ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଥାନାଛକ ଗୋଲେଇ ଠାରେ ଥିବା ଫକୀର ମୋହନ ସେନାପତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଥିଲା। ଏହି ସମୟରେ ଶିକ୍ଷାବିତ ଉତ୍ସବ କର, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶ୍ରୀକୃଷ୍ଣ ଦାସ, ଗୌରହରୀ ମହାନ୍ତି, ପ୍ରାକ୍ତନ ଅଧ୍ୟାପକ ଭାନୁଚରଣ ଦାସ, ଏଆଇଏମଏସଏସର ଜିଲ୍ଲା ସଂଗଠକ ସରୋଜିନୀ ମହାନ୍ତି ଏବଂ ଏଆଇଡିୱାଇଓ ତରଫରୁ ସସ୍ମିତା ମହାନ୍ତି ଉପସ୍ଥିତ ଥିଲେ। ଏଆଇଡିଏସଓ ଜିଲ୍ଲା ସଭାପତି ହରେକୃଷ୍ଣ ଦାସ ମୁଖ୍ୟଅତିଥି, ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ଥିଲେ ରାଜ୍ୟ ସଭାପତି ସୋମନାଥ ବେହେରା। ଅନ୍ୟ ମାନଙ୍କ ମଧ୍ୟରେ ଏ ଆଇ ଡି ଏସ ଓ ଜିଲ୍ଲା ସମ୍ପାଦକ ପ୍ରଶାନ୍ତ ଦାସ, ଶିକ୍ଷକ ହିମାଂଶୁ ଦାସ, ଛାତ୍ରୀ ରୂପଶ୍ରୀ ମାଝୀ ଉପସ୍ଥିତ ଥିଲେ।

## ରାଜଘାଟରେ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ



**ରାଜଘାଟ, ୧୫।୧ (ସମିସ):** ପବିତ୍ର ମକର ସଂକ୍ରାନ୍ତିରେ ବସ୍ତା ବ୍ଲକ ସନ୍ତୋଷପୁର ପଂଚାୟତର ରାଜଘାଟ ବିଦ୍ୟୁତ ସେକ୍ସନର କାର୍ଯ୍ୟାଳୟ ନିକଟରେ ଥିବା ଗୁପ୍ତେଶ୍ୱର ମହାଦେବ ମନ୍ଦିରକୁ ଲାଗି ଶ୍ରୀ ଶ୍ରୀ ହନୁମାନଜୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ଯଜ୍ଞ ଆଦି ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଷ୍ଠା ଉତ୍ସବରେ ବେଣାପୁରା ଏବଂ ପାଖାପାଖି ଗ୍ରାମର ଶତାଧିକ ମହିଳା ଶ୍ରଦ୍ଧାଳୁ ସ୍ଥାନୀୟ ସୁବର୍ଣ୍ଣରେଖା ନଦୀରୁ କଳସ ଯାତ୍ରାରେ ଆସି ପହଂଚିଥିଲେ।

# ସିଂଲା ମକର-ମିଳନ ଉତ୍ସବ ଉଦ୍‌ଯାପିତ



**ବସ୍ତା ବ୍ଲକ, ୧୫।୧ (ସମିସ):** ବାଲେଶ୍ୱର ଜିଲ୍ଲା ସିଂଲାସ୍ଥିତ ବଂଶୀଧର ପାଠାଗାର ଓ ପଠନ କେନ୍ଦ୍ର ଆନୁକୂଲ୍ୟରେ ସାରସ୍ୱତ କାର୍ଯ୍ୟକ୍ରମ ୨୩ତମ ମକର ମିଳନ -୨୦୨୬ ଉଦଯାପିତ ହୋଇଯାଇଛି। ଉକ୍ତ ଉତ୍ସବକୁ ଜାମଶୁଳିସ୍ଥିତ ଏଲ ଏନ ମହାବିଦ୍ୟାଳୟର ପ୍ରାଧ୍ୟାପକ ନିର୍ମଳ କୁମାର ସାମଲ ମୁଖ୍ୟଅତିଥି ରୂପେ ଯୋଗଦେଇ ଉଦଘାଟନ କରିଥିଲେ। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ବସନ୍ତ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭା ରେ ଅନ୍ୟତମ ଅତିଥି ଭାବରେ ଯୋଗାଚାର୍ଯ୍ୟ ବଂଶୀଧର ମିଶ୍ର, ବିଜୟ କୁମାର କର ବକ୍ତବ୍ୟ ପ୍ରଦାନ କରିଥିଲେ। ସଭା ପ୍ରାରମ୍ଭରେ ପ୍ରଶାନ୍ତ ଦାସ ଓ ଲକ୍ଷ୍ମୀପ୍ରିୟା ମିଶ୍ର ମିଳିତ ଭାବରେ ମଞ୍ଚ ଆହ୍ୱାନ ସହ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ସାନ୍ତ୍ୱନା ମିଶ୍ର ବେଦ ପାଠ କରିଥିବା ବେଳେ ରମେଶ ଚନ୍ଦ୍ର ନାୟକ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ବ୍ରଜମୋହନ ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅଧ୍ୟାପକ ନିରଞ୍ଜନ ବେହେରା, ସୃଷ୍ଟିଧର ପାତ୍ର ଓ ନିତ୍ୟାନନ୍ଦ ପ୍ରଧାନଙ୍କ ସଂଯୋଜନାରେ ସର୍ବଶ୍ରୀ ବିମ୍ବାଧର ବେହେରାଙ୍କୁ ବାଣୀଶ୍ରୀ, ମନୋଜ କୁମାର ପୋଦ୍ଦାରଙ୍କୁ ସେବାଶ୍ରୀ ଏବଂ ବିଜୟ କୁମାର ନନ୍ଦଙ୍କୁ ଅନୁଷ୍ଠାନଶ୍ରୀ ସମ୍ମାନରେ ଅତିଥିମାନେ ସମ୍ମାନିତ କରିଥିଲେ। ଡା ଶ୍ରୀକୁମାର, ଗଗନ କୁମାର ସେଠୀ ଓ ଡ. ତାନଶ୍ରୀ ପାଣିଗ୍ରାହୀଙ୍କ ମିଳିତ ସଂଯୋଜନାରେ ୪୦ରୁ ଉର୍ଦ୍ଧ୍ୱ କବି ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ସୁଧାଂଶୁ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରୀନିବାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶରତ କାଳୀନ ସ୍ୱତନ୍ତ୍ର ଶିବିର




**ସୋର, ୧୫।୧ (ସମିସ):** ସୋର ବ୍ଲକ ମଙ୍ଗଳପୁରସ୍ଥିତ ଶ୍ରୀନିବସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ତରଫରୁ 'ଶରତ କାଳୀନ ସ୍ୱତନ୍ତ୍ର ଶିବିର'ର ଆୟୋଜନ କରାଯାଇଥିଲା। ଏହି ଶିବିରକୁ ଅଧ୍ୟକ୍ଷ ପୂର୍ଣଚନ୍ଦ୍ର ବେହେରା ଉଦଘାଟନ କରିଥିଲେ ଏବଂ ପ୍ରୋଗ୍ରାମ ଅଫିସର ସୁଜିତ କୁମାର ଗୋଛାୟତ ପରିଚାଳନା କରିଥିଲେ। ଜାତୀୟ ସେବା ଯୋଜନାର ଆଭିମୁଖ୍ୟ ବିଷୟରେ ରସାୟନ ବିଜ୍ଞାନର ଅଧ୍ୟାପକ ତଥା ଅଗ୍ନିବେଣା ବିଜ୍ଞାନ ପତ୍ରିକାର ସମ୍ପାଦକ ଡ. ପଙ୍କଜ କୁମାର ଜେନା ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟତମ ବକ୍ତା ଭାବେ ପ୍ରଶାସନିକ ତଥା ଇଂରାଜୀ ବିଭାଗର ମୁଖ୍ୟ ଅଧ୍ୟାପକ ଡ. ପୁଣ୍ୟବ୍ରତ ମହାନ୍ତି, ପୁଷ୍ପଲତା ପାଢ଼ୀ, ସତ୍ୟ ନାରାୟଣ ସାହୁ, ଗଜେନ୍ଦ୍ର କବି, ସଞ୍ଜୟ କୁମାର ଦାସ, ମନୋଜ କୁମାର ସବର, ଶାନ୍ତନୁ ପାତ୍ର, କସ୍ତୁରୀ ପଳତା, ଇତିଶ୍ରୀ ମହଲା, ସନ୍ଧ୍ୟାରାଣୀ ଜେନା, ଅନ୍ନପୂର୍ଣ୍ଣା ଜେନା, ଲକ୍ଷ୍ମୀକାନ୍ତ ପାଣିଗ୍ରାହୀ, ସୁଶାନ୍ତ ରାଉଳ, ପ୍ରଶାନ୍ତ ପଣ୍ଡା ସ୍ୱେଚ୍ଛାସେବୀଙ୍କ ଉଦ୍ଦେଶ୍ୟରେ ସେମାନେ ସେମାନଙ୍କର ବକ୍ତବ୍ୟ ରଖିଥିଲେ। ଭରତ ଚନ୍ଦ୍ର ମାହାନା, କୈଳାଶ ବାରିକ, ଅଣାକାର ନାୟକ, ପ୍ରଦ୍ୟୁମ୍ନ କୁମାର ସାହୁ ଓ ଭରତ ଚନ୍ଦ୍ର ବାରିକ ପ୍ରମୁଖ ସାହାଯ୍ୟ ସହଯୋଗ କରିଥିଲେ। ସ୍ୱେଚ୍ଛାସେବୀମାନେ ମଙ୍ଗଳପୁର ଜଗନ୍ନାଥ ମନ୍ଦିର ସହିତ ମଙ୍ଗଳପୁର ମାର୍କେଟ, ଗୋପୀନାଥପୁର, ଡୁଙ୍ଗାମ ଆଦି ଅଞ୍ଚଳରେ ସାତ ଦିନଧରି ସ୍ୱଚ୍ଛତା ସମ୍ପର୍କରେ ସଚେତନତା କରିବା ସହିତ ସଫେଇ କାର୍ଯ୍ୟ କରିଥିଲେ। ବିଦ୍ୟାଳୟର ପ୍ରୋଗ୍ରାମ ଅଫିସର ସୁଜିତ କୁମାର ଗୋଛାୟତ ଏବଂ ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ସଞ୍ଜୟ କୁମାର ଦାସ ସେମାନଙ୍କର ନେତୃତ୍ୱ ନେଇଥିଲେ।

## ପରଲୋକରେ ଆଦର୍ଶଶିକ୍ଷକ ନରେନ୍ଦ୍ର ସାହୁ



**ଚନ୍ଦନେଶ୍ୱର, ୧୫।୧ (ସମିସ):** ଭୋଗରାଇ ବ୍ଲକ ଜଳସୋହରିଆ ପଞ୍ଚାୟତ ଅଧୀନ ସେହି ଗାଁର ଜଣେ ଆଦର୍ଶ ଶିକ୍ଷକ ନରେନ୍ଦ୍ର ନାଥ ସାହୁ(୭୮)ଙ୍କ ପରଲୋକ ହୋଇ ଯାଇଛି। ଭଦ୍ରକ ଜିଲା ଗେଲପୁର ୟୁପି ସ୍କୁଲରୁ ନିଜର ଶିକ୍ଷକତା ଜୀବନ ଆରମ୍ଭ କରି ଭୋଗରାଇ ବ୍ଲକର ମହେଶପୁର ଓ ଶେଷରେ ୨୦୦୭ରେ ଉଦୟପୁର ମଧ୍ୟ ଇଂରାଜୀ ବିଦ୍ୟାଳୟରୁ ଅବସର ନେଇଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ବିଜେପି ନେତା ଆଶିଷ କୁମାର ପାତ୍ର, ଶିକ୍ଷାବିତ ଈଶ୍ୱର ଚନ୍ଦ୍ର ଗିରି, ପରେଶ ଚନ୍ଦ୍ର ପାତ୍ର, ବିଜୟ କେତନ ପଟ୍ଟନାୟକ, ଆଶିଷ ମହାନ୍ତି ପ୍ରମୁଖଙ୍କ ସମେତ ବହୁ ଛାତ୍ର ଛାତ୍ରୀ ଅନ୍ତିମ ଦର୍ଶନ କରିବା ସହିତ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ତାଙ୍କ ଶବାଧାରକୁ ଏକ ବିଶାଳ ପଟୁଆରରେ ପରିକ୍ରମା କରାଯାଇ ଗାଁ ଶ୍ମଶାନରେ ଅନ୍ତିମ ସଂସ୍କାର ହୋଇଥିଲା। ପୁଅ ଧର୍ମେନ୍ଦ୍ର, ରାଜେନ୍ଦ୍ର, କିଶୋର ମୁଖାଗ୍ନି ଦେଇଥିଲେ।

## ନିଆଁରେ ପୋଡିହୋଇ ଦୁଇମାସର ଶିଶୁ ଗୁରୁତର

**ଜଳେଶ୍ୱର, ୧୫।୧ (ସମିସ):** ନିଆଁରେ ପୋଡି ହୋଇ ଦୁଇମାସର ଶିଶୁ ଗୁରୁତର। ପ୍ରବଳ ଶୀତରୁ ରକ୍ଷା ପାଇବା ପାଇଁ ଜଳେଶ୍ୱର ଥାନା ଚାଳନ୍ତି ଗ୍ରାମର ତାରନ ହେମ୍ବ୍ରମଙ୍କ ପରିବାର ଲୋକେ ଅଗଣାରେ ଥିବା ଚୁଲିରେ ନିଆଁ ଲଗାଇ ବସିଥିଲେ। ତାରନର ସ୍ତ୍ରୀ ମଧ୍ୟ ଶିଶୁକୁ ଧରି ଚୁଲି ପାଖରେ ବସିଥିବା ବେଳେ ଅସାବଧାନତା ପାଇଁ ପିଲାଟି ଚୁଲି ମଧ୍ୟରେ ପଡି ଯାଇଥିଲା। ତେବେ ପରିବାର ଲୋକେ ତୁରନ୍ତ ଚୁଲି ମଧ୍ୟରୁ ପିଲାଟିକୁ ଉଦ୍ଧାର କରିଥିବା ବେଳେ ପିଲାଟିର ଅର୍ଦ୍ଧାଧିକ ଶରୀର ପୋଡି ଯାଇଥିବା ଜଣାଯାଇଛି। ଗୁରୁତର ପିଲାକୁ ତୁରନ୍ତ ବସ୍ତା ହସପିଟାଲକୁ ଆଣିଥିବା ବେଳେ ଅଧିକ ଗୁରୁତର ହେବାରୁ ବାଲେଶ୍ୱର ସଦର ହସପିଟାଲକୁ ସ୍ଥାନାନ୍ତର କରାଯାଇଛି।

# ଡଗରା ବେଳାଭୂମି ମହୋତ୍ସବ ଉଦ୍‌ଘାଟିତ



**କାଳିପଦା, ୧୫।୧ (ସମିସ):** ବାଲିଆପାଳ ବ୍ଲକର ଡଗରା ବେଳାଭୂମିରେ ବୁଧବାର ସନ୍ଧ୍ୟାରେ ପ୍ରେସ କ୍ଲବ ଓ ଡଗରା ବେଳାଭୂମି ମହୋତ୍ସବ କମିଟି ପକ୍ଷରୁ ୨୨ତମ ଡଗରା ବେଳାଭୂମି ମହୋତ୍ସବ ୨୦୨୬ ଉଦ୍‌ଘାଟିତ ହୋଇଯାଇଛି। ମହୋତ୍ସବ କମିଟିର ସଭାପତି ପ୍ରଫୁଲ୍ଲ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ସାମାଜିକ କର୍ମୀ ତଥା ପ୍ରକୃତି ମିତ୍ର ସୁମନ୍ତ କୁମାର ଜେନା, ମୁଖ୍ୟବକ୍ତା ଭାବରେ ରାଷ୍ଟ୍ରପତି ପୁରସ୍କୃତ ପ୍ରାକ୍ତନ ଶିକ୍ଷକ ଡ. ଝାଡେଶ୍ୱର ପ୍ରଧାନ, ସମ୍ମାନିତ ଅତିଥି ଭାବରେ ଆଚାର୍ଯ୍ୟ ବିଜୟ ଜୀ, ଡଗରା ସରପଞ୍ଚ ସତ୍ୟାନନ୍ଦ ମହାନ୍ତି, ଡଗରା ସମିତି ସଦସ୍ୟ ମନୋଜ ଦାସ, ପୁରୀ ଜିଲ୍ଲାର ସହକାରୀ ଶ୍ରମ ଅଧିକାରୀ ଆଶିଷ ମାଝୀ, ମହୋତ୍ସବ କମିଟିର ସଦସ୍ୟ ତୀର୍ଥ କୁମାର ନାଗ, ବେଳା ଭୂମୀ କମିଟିର ସଦସ୍ୟ ଶ୍ରୀପତି ଜେନା, ହରିପଦ ଦାସ, ନୂଆଗାଁ ସରପଞ୍ଚଙ୍କ ପ୍ରତିନିଧି ପ୍ରଶାନ୍ତ ଦାସ, ଯୋଗ ଦେଇ ଯୋଗ ଦେଇ ମହୋତ୍ସବ ବିକାଶର କଥା କହେ ବୋଲି କହିଥିଲେ। କମିଟିର ସଦସ୍ୟ ସାମ୍ବାଦିକା ରମିତା ବିଶ୍ୱାଳ ଓ ସାମ୍ବାଦିକ ପ୍ରଭାତ ଦାସ ମଞ୍ଚ ଆହ୍ୱାନ କରିଥିବା ବେଳେ କମିଟିର ସମ୍ପାଦକ ସାମ୍ବାଦିକ ସୁବଳ ଚନ୍ଦ୍ର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଇନଜୀବୀ ଅର୍ଦ୍ଧେନ୍ଦୁ ବାରିକ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରେସ କ୍ଲବ ସଭାପତି ସାମ୍ବାଦିକ ଅଜୟ ସାହୁ, କମିଟିର ସଦସ୍ୟ ଗୋପନାରାୟଣ ଜେନା, ଲକ୍ଷ୍ମୀଧର ପ୍ରଧାନ, ଗୋପାଳ ଚନ୍ଦ୍ର ସାହୁ, ପ୍ରକାଶ ପ୍ରଧାନଙ୍କ ସହିତ ପ୍ରେସ କ୍ଲବର ଓ ମହୋତ୍ସବ କମିଟିର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।

## ଟ୍ରକ ବାଇକ ଧକ୍କା, ଦୁଇ ଗୁରୁତର

**ସୋର, ୧୫।୧ (ସମିସ):** ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଛପୋଲିଆ ନିକଟରେ ଏକ ଟ୍ରକ ସହ ବାଇକ ଧକ୍କା ହେବା ଫଳରେ ଦୁଇଜଣ ବାଇକ ଆରୋହୀ ଗୁରୁତର ଆହତ ହୋଇ କଟକ ସ୍ଥାନାନ୍ତର ହୋଇଛନ୍ତି। ଆଜି ପୂର୍ବାହ୍ନରେ ଭଦ୍ରକ ଜିଲ୍ଲା ଆରଡ଼ି ଗ୍ରାମର ସୁଧୀର ପାଢୀ ଓ ତାଙ୍କ ସାଙ୍ଗ ମଦନମୋହନ ସିଂ ଏକ ବାଇକ ଯୋଗେ କୌଣସି କାମରେ ବାଲେଶ୍ୱର ଅଭିମୁଖେ ଯାଉଥିଲେ। ଏହି ସମୟରେ ଛପୋଲିଆ ରିଲିଆନ୍ସ ପେଟ୍ରୋଲ ପମ୍ପ ନିକଟରେ ଏକ ଟ୍ରକ ତାଙ୍କ ବାଇକକୁ ଧକ୍କା ଦେବା ଫଳରେ ଉଭୟ ଗୁରୁତର ଆହତ ହୋଇଥିଲେ। ଖବର ପାଇ ଅଗ୍ନିଶମ ବିଭାଗର ଆମ୍ବୁଲାନ୍ସ ଉଭୟଙ୍କୁ ଉଦ୍ଧାର କରି ସୋର ଡ଼ାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଉଭୟଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ଉଭୟଙ୍କୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରିଛନ୍ତି।

# ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ଜଳେଶ୍ୱର ବ୍ଲକ, ୧୫।୧ (ସମିସ):** ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାୟାରାମଚନ୍ଦ୍ରପୁର ଗ୍ରାମ ପଞ୍ଚାୟତରେ ୧୫ ତମ ଭଲିବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇ ଯାଇଛି। ମୁଖ୍ୟ ଅତିଥି ଭାବେ ଜଳେଶ୍ୱର ଥାନା ଅଧିକାରୀ ଅଶୋକ ବାରିକ୍, ମୁଖ୍ୟବକ୍ତା ଜଳେଶ୍ୱର ପଞ୍ଚାୟତ ସମିତି ଅଧ୍ୟକ୍ଷ ମାନସ ଜେନା, ବାଲେଶ୍ୱର ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଅନୁସୟା ପ୍ରଧାନ, ଗୌରବ ଦାସ, ଗୌତମ ପାତ୍ର, ମଧୁସୂଦନ ସେନାପତି, ବିନୋଦ ବିହାରୀ ପାଳ, ରବିନ୍ଦ୍ର ସାହୁ, ରଘୁନାଥ ପ୍ରାମାଣିକ, ସୁରେନ୍ଦ୍ର ମହାରଣା, କ୍ଲବ୍ ସଭାପତି ଅଭିମନ୍ୟୁ ସାହୁ, ଉପସଭାପତି ବିଶ୍ୱଜିତ୍ ମହାନା, ସମ୍ପାଦକ ଶିବଶଙ୍କର ଦାସ, ଅଙ୍କିତ ପରିଡ଼ା, ସତ୍ୟରଞ୍ଜନ ନନ୍ଦ, ଅଜିତ୍ ମାହାନା, ଗୋପିକିସନ ରାଉତ, ଭବଶଙ୍କର ମଣ୍ଡଳ ପ୍ରମୁଖ ଅତିଥି ମାନେ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବିଜେତା ଟିମ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି।




**● ଜଳେଶ୍ୱର ପ୍ରିମିୟର ଲିଗ ସିଜିନ-୨(ଜୁନିୟର) କ୍ରିକେଟ**

# କେଏମ୍‌ସି ଇଲେଭେନ ଷ୍ଟାର ଚାମ୍ପିଅନ



**ଜଳେଶ୍ୱର, ୧୫।୧ (ସମିସ):** ଜଳେଶ୍ୱର ପୌରାଂଚଳର ୩ନଂ ୱାର୍ଡ ଗୁଆଖଣା ଠାରେ ଗୌରୀ କ୍ଲବ ଖେଳପଡିଆ ଆନୁକୂଲ୍ୟରେ ଜଳେଶ୍ୱର ପ୍ରିମିୟର ଲିଗ ସିଜିନ-୨ (ଜୁନିୟର) କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜି ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। କେ.ଏମ୍.ସି ଇଲେଭେନ ଷ୍ଟାର ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୧୧୬ ରନ ସଂଗ୍ରହ କରିଥିବା ବେଳେ ଲିଙ୍ଗେସ ୱାରିୟସ୍ ୮୮ ରନ କରି ଅଲଆଉଟ ହୋଇଯାଇଥିଲେ। ଫାଇନାଲ ମ୍ୟାଚ୍ ରେ ମୁଖ୍ୟ ଅତିଥି ରୂପେ ଜଳେଶ୍ୱର ମ୍ୟୁନିସିପାଲିଟିର ଯୁବ ସଙ୍ଗଠକ ବିଜେପି ନେତା ରାଜେଶ ଖଟୁଆ ଓ ସେଖ ହସିରୁଦ୍ଦିନ ବକ୍ସ, ସେଖ ନାସିର ବକ୍ସ, ସେଖ ସଫିରୁଦ୍ଦିନ ଯୋଗ ଦେଇ ବିଜେତା ଟିମ୍‌କୁ ଟ୍ରଫି ସହିତ ୨୪ହଜାର ଏବଂ ରନର୍ସ ଟିମକୁ ଟ୍ରଫି ସହିତ ୧୮ ହଜାର ଟଙ୍କା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆସଲମ୍ ଖାଁ, ସେଖ ସମସାଦ, ସେଖ ଫଇଜଲ, ସେଖ ମୋଜୋ, ସେଖ ଅସଲମ୍, ସେଖ ବାବୁ, ସେଖ ସଇଜାଦ, ସେଖ ଆଫ୍ରିଦି ବକ୍ସ, ମାଇମୁଦ୍ ଖାଁ, ପ୍ରମୁଖ ଖେଳକୁ ପରିଚାଳନା କରିଥିଲେ।












### ଚନ୍ଦନେଶ୍ୱରରେ କ୍ୱାକ୍‌ଙ୍କ ପ୍ରାଦୁର୍ଭାବ ବଢୁଛି

# ଭୁଲ ଇଞ୍ଜେକ୍ସନରୁ ଯୁବକ ମୃତ, ଉତ୍ତ୍ୟକ୍ତଙ୍କ କ୍ଲିନିକ୍ ଭଙ୍ଗାରୁଜା

ଚନ୍ଦନେଶ୍ୱର,୧୫।୧(ସମିସ)



ଚନ୍ଦନେଶ୍ୱର ଅଞ୍ଚଳରେ ଦିନକୁ ଦିନ କ୍ୱାକ୍‌ଙ୍କ ପ୍ରାଦୁର୍ଭାବ ବଢୁଛି । ଏପରି କି ଗ୍ରାମାଞ୍ଚଳରେ କ୍ଲିନିକ ଖୋଲିବା ସହ କେତେକ ଔଷଧ ଦୋକାନରେ ବସି ଚିକିତ୍ସା କରୁଛନ୍ତି । ଚନ୍ଦନେଶ୍ୱର ବଜାରରେ ଥିବା ଏକ ଔଷଧ ଦୋକାନ ଖୋଲା ଯାଇଥିବା କ୍ଲିନିକକୁ ଆଜି ସ୍ଥାନୀୟ ଅଞ୍ଚଳର ଜୈନିକ ଯୁବକ ଚିକିତ୍ସା ହେବାକୁ ଆସିଥିବା ବେଳେ ସେଠାରେ ଥିବା କ୍ୱାକ ଜଣକ ଭୁଲ ଇଞ୍ଜେକ୍ସନ ଦେବାରୁ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ଫଳରେ ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବା ସହ ଉତ୍ତ୍ୟକ୍ତ ଜନତା ଉକ୍ତ କ୍ଲିନିକରେ ପଶି ଭଙ୍ଗା ରୁଜା କରିଥିଲେ । ଖବର ପାଇ ତାଳସାରୀ ସାମୁଦ୍ରିକ ଥାନା ପୁଲିସ ଘଟଣା ସ୍ଥଳରେ ପହଂଚି ପରିସ୍ଥିତିକୁ ଆୟତ୍ତ କରିଥିଲେ । ଚନ୍ଦନେଶ୍ୱର ବଜାରରେ ଥିବା ସୁଷମା ମେଡିକାଲ ଷ୍ଟୋରକୁ ଆଜି ଅପରାହ୍ନରେ ସାହାବାଜିପୁର ଗ୍ରାମର ଅଶୋକ ପଣ୍ଡା(୫୦) ନାମକ ଜଣେ ବ୍ୟକ୍ତି ଶ୍ୱାସ ରୋଗରେ ଆକ୍ରାନ୍ତ ହୋଇ ଆସିଥିଲେ । ସେଠାରେ କ୍ଲିନିକ ଖୋଲିଥିବା ଚନ୍ଦ୍ରଶେଖର ମାଇତି ତାଙ୍କୁ ଚିକିତ୍ସା କରିଥିଲେ । ମାତ୍ର ସମ୍ପୃକ୍ତ ଡାକ୍ତର ଜଣକ ପରୀକ୍ଷା ନିରୀକ୍ଷା ନ କରି ଭୁଲ ଇଞ୍ଜେକ୍ସନ ଦେଇଥିବାରୁ ଉକ୍ତ ଯୁବକଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା । ଖବର ପାଇ ଶହ ଶହ ଉତ୍ତ୍ୟକ୍ତ ଲୋକେ ଡାକ୍ତରଙ୍କୁ ଘେରାଉ କରିବା ସହିତ ଔଷଧ ଦୋକାନରେ ବ୍ୟାପକ ଭଙ୍ଗାରୁଜା କରିବା ସହିତ ଡାକ୍ତର ଚନ୍ଦ୍ରଶେଖର ମାଇତିଙ୍କୁ ପିଟା ମାରା କରିଥିଲେ । ଖବର ପାଇ ତାଳସାରୀ ସାମୁଦ୍ରିକ ଥାନା ଅଧିକାରୀ ଶ୍ରବଣ କୁମାର ମହାରଣା ସଦଳ ବଳେ ଘଟଣା ସ୍ଥଳରେ ପହଂଚି ପରିସ୍ଥିତିକୁ ଆୟତ୍ତ କରିବା ସହିତ ଡାକ୍ତର ଚନ୍ଦ୍ରଶେଖର ମାଇତିଙ୍କ ସମେତ ୩ ଜଣ କର୍ମଚାରୀଙ୍କୁ ଥାନାକୁ ନେଇ ଅଟକ ରଖିଥିଲେ । ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡିଛି । ଚନ୍ଦନେଶ୍ୱର ଅଂଚଳରେ ଦିନକୁ ଦିନ କ୍ୱାକ୍ ଡାକ୍ତରଙ୍କ ପ୍ରାଦୁର୍ଭାବ ବଢୁଥିବାରୁ ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ଭାରତ ପାଣିପାଗ ବିଭାଗର ପ୍ରତିଷ୍ଠା ଦିବସ



ବାଲେଶ୍ୱର,୧୫।୧(ସମିସ): ଭାରତ ପାଣିପାଗ ବିଭାଗର ବାଲେଶ୍ୱର କାର୍ଯ୍ୟାଳୟରେ ବିଭାଗର ୧୫୧ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ସର୍ବସାଧାରଣଙ୍କ ପାଇଁ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ପ୍ରଦର୍ଶନୀ ଖୋଲା ରହିଥିଲା ସହିତ ପୂର୍ବ ସତର୍କତା ସୂଚନା ଗୁଡ଼ିକ ବିଷୟରେ ଅବଗତ କରାଯାଇଥିଲା । ଏଥିରେ ସ୍ଥାନୀୟ ଶକୁନ୍ତଳା ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହିତ କିଛି ସ୍ଥାନୀୟ ଲୋକ ଉପସ୍ଥିତ ହୋଇଥିଲେ । ପିଲାମାନଙ୍କୁ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ବିଭିନ୍ନ ଯନ୍ତ୍ରପାତି ବିଷୟରେ ତଥା ପାଣିପାଗ ପୂର୍ବ ସୂଚନା ଓ ସତର୍କତା ବିଷୟରେ ବୁଝାଇଥିଲେ ।

## ଶ୍ରୀଜଗନ୍ନାଥ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶୀତକାଳୀନ ସ୍ୱତନ୍ତ୍ର ଶିବିର

ଜଳେଶ୍ୱର/ଜଳେଶ୍ୱର ବ୍ଲକ,୧୫।୧ (ସମିସ): ଶ୍ରୀଜଗନ୍ନାଥ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗତ ୭ତାରିଖରୁ ଚାଲିଥିବା ଜାତୀୟ ସେବା ଯୋଜନା ବିଭାଗର ଶୀତକାଳୀନ ୭ ଦିନିଆ ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ ହୋଇଯାଇଛି । ଅଧ୍ୟକ୍ଷା ମାମିରାଣୀ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜଳେଶ୍ୱର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅବସରପ୍ରାପ୍ତ ଓଡ଼ିଆ ଅଧ୍ୟାପକ ସତ୍ୟମୟ ଆଚାର୍ଯ୍ୟ ଯୋଗ ଦେଇ ଛାତ୍ର ଜୀବନରେ ସେବାର ଗୁରୁତ୍ୱ କ'ଣ ତାହା ବକ୍ତବ୍ୟ ରଖିଥିଲେ । ଏନଏସଏସ ସଂଯୋଜିକା ସୁଗତି ଦେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସମସ୍ତ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ଦିଆଯିବା ପରେ ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରା ଯାଇଥିଲା । ଗୃହ ବିଜ୍ଞାନର ବରିଷ୍ଠ ଅଧ୍ୟାପିକା ଅଞ୍ଜଳି ଚକ୍ରବର୍ତ୍ତୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପିକଅପ୍-ବାଇକ୍ ମୁହାଁମୁହିଁ ଧକ୍କା, ଦମ୍ପତି ଗୁରୁତର

### ● ଅଳ୍ପକେ ବର୍ତ୍ତିଲେ ଦୁଇ ଶିଶୁପୁତ୍ର

ନୀଳଗିରି, ୧୫।୧ (ସମିସ): ଗୁରୁବାର ସଂଧ୍ୟାରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଥିବା ବେଳେ ଅଳ୍ପକେ ବର୍ତ୍ତି ଯାଇଛନ୍ତି ଦୁଇ ଶିଶୁପୁତ୍ର । ବାପା ଗୁରୁତର ହୋଇଥିବା ବେଳେ ମାଆ ଆହତ ହୋଇଥିବାର ଦେଖିବାକୁ ମିଳିଛି । ନୀଳଗିରି କପ୍ତିପଦା ରାସ୍ତାର ପୋଡ଼ଶୂଳ ଭିମିଜ ସାହି ନିକଟରେ ନୀଳଗିରି ପଟୁ ଆସୁଥିବା ଏକ ଇଟା ବୋଝେଇ ପିକଅପ ଯାଉଥିବା ବେଳେ ପୋଡାଶୁଳ ପଟୁ ଆସୁଥିବା ଏକ ବାଇକରେ ନୀଳଗିରି ପଣ୍ଡା ଅଫିସ କ୍ରସର ସାହି ଗ୍ରାମର ଦିପୁନୁ ସିଂ, ସ୍ତ୍ରୀ ପୁତୁଲି ସିଂ ଓ ଦୁଇ ଶିଶୁ ପୁତ୍ରଙ୍କୁ ନେଇ ଘରକୁ ଆସୁଥିବା ବେଳେ ମୁହାମୁହିଁ ଧକ୍କା ହେବାରୁ ଦିପୁନୁ ର ଗୋଡ଼ ଭାଙ୍ଗି ଯାଇଥିବା ବେଳେ ମୁଣ୍ଡରେ ଗଭୀର ଆଘାତ ଲାଗିଛି । ସ୍ତ୍ରୀ ପୁତୁଲି ଆହତ ହୋଇ ଥିବାବେଳେ ଦୁଇ ଶିଶୁ ପୁତ୍ର ରକ୍ଷା ପାଇଯାଇଛନ୍ତି । ନୀଳଗିରି ଅଗ୍ନିଶମ ବାହିନୀ ସମସ୍ତଙ୍କୁ ଉଦ୍ଧାର କରି ନୀଳଗିରି ମେଡ଼ିକାଲକୁ ଆଣିଥିଲେ । ଦିପୁନୁଙ୍କୁ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି । ପୁଲିସ ପିକ୍‌ଅପ୍ ଗାଡ଼ିକୁ ଥାନାକୁ ଆଣିଥିବା ବେଳେ ଡ୍ରାଇଭରକୁ ଅଟକ ରଖି ତଦନ୍ତ ଜାରି ରଖିଛନ୍ତି ।

## ଟେମ୍ପୋକୁ ଧକ୍କା ଦେଲା ଟାଟା ଏସିଇ, ୩ ଗୁରୁତର

ବସ୍ତା ବ୍ଲକ, ୧୫।୧ (ସମିସ): ବାଲେଶ୍ୱର ଜିଲ୍ଲା ରୂପସା ଥାନା ଅନ୍ତର୍ଗତ ପୋଡ଼ା ଡ଼ିହା ଛକ ନିକଟରେ ଗୁରୁବାର ରାତିରେ ଏକ ଦୁର୍ଘଟଣାରେ ୭ଜଣଙ୍କ ମଧ୍ୟରୁ ୩ ଗୁରୁତର ହୋଇ ଥିବା ଜଣା ପଡିଛି । ଏକ ଟେମ୍ପୋ ରେ ମିର୍ଗି ମୁଣ୍ଡି ତଳ ବହରମପୁର ଅଞ୍ଚଳର ଲୋକେ ଘରକୁ ଆସୁଥିବା ବେଳେ ରୂପସା ଅଞ୍ଚଳର ଏକ ଟାଟା ଏସିଇ ସେମାନଙ୍କୁ ଧକ୍କା ଦେଇଥିଲା । ଫଳରେ ଟେମ୍ପୋରେ ଥିବା ୭ ଜଣ ଯାତ୍ରୀ ଆହତ ହୋଇ ପଡ଼ିଥିଲେ । ତାଙ୍କୁ ଲୋକେ ଉଦ୍ଧାର କରି ରୂପସା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି । ଆହତଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି । ଟାଟା ଏସିଇ ଡ୍ରାଇଭର ନିଶାସକ୍ତ ଅବସ୍ଥାରେ ଥାଇ ଏହି ଦୁର୍ଘଟଣା ଘଟାଇଥିବା ଅଭିଯୋଗ ଆସିଛି । ରୂପସା ପୁଲିସ ଟାଟା ଏସିଇକୁ ଜବତ କରି ତଦନ୍ତ ଚଳାଇଛି ।

## ନୀଳଗିରି କଂଗ୍ରେସର ଯୁବ ସମ୍ମିଳନୀ

ନୀଳଗିରି, ୧୫।୧ (ସମିସ): ନୀଳଗିରି ଡାକବଙ୍ଗଳା ପରିସରରେ ନୀଳଗିରିର ଦୁଇ ଯୁବନେତା ତଥା ପୂର୍ବତନ ଛାତ୍ରକଂଗ୍ରେସ ସଭାପତି ଅଶ୍ୱିନୀ କୁମାର ପାତ୍ର ଓ ପୂର୍ବତନ ଜିଲ୍ଲା ଯୁବକଂଗ୍ରେସ ଉପ ସଭାପତି ଆଦର୍ଶ ଗୌରବ ଦାସଙ୍କ ନେତୃତ୍ୱରେ ନୀଳଗିରି ଅଞ୍ଚଳର ଯୁବ କଂଗ୍ରେସ କର୍ମକର୍ତାଙ୍କୁ ନେଇ ଏକ ଯୁବ ସମ୍ମିଳନୀ ଅନୁଷ୍ଠିତ ହେଇଥିଲା । ଏଥିରେ ଶତାଧିକ ଯୁବକ ଯୋଗଦାନ କରିଥିଲେ । ଆଗାମୀ ଦିନରେ ନୀଳଗିରି ଯୁବ କଂଗ୍ରେସ କିପରି ଶକ୍ତିଶାଳୀ ହେବ ସେ ବିଷୟରେ ସବିଶେଷ ଆଲୋଚନା ହେଇଥିଲା । ଯୁବନେତା ରଞ୍ଜିତ ପ୍ରଧାନ, ଚନ୍ଦ୍ରକାନ୍ତ ରାଉତ, ଯଶୋବନ୍ତ ରାଉତ,ସତ୍ୟଜିତ ପ୍ରଧାନ, ଗୌତମ ବିଶ୍ୱାଳ, ପତିତପାବନ ଦାସ, ସିଲୁ ଦାସ, ପଙ୍କଜ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

## ଫକୀରମୋହନ ନଗରରେ ଫକୀରମୋହନ ଜୟନ୍ତୀ

ବାଲେଶ୍ୱର,୧୫।୧ (ସମିସ): ଫକୀରମୋହନ ନଗରରେ ଫକୀରମୋହନ ନଗର ବିକାଶ ପରିଷଦ ଆନୁକୂଲ୍ୟରେ ବ୍ୟାସକବି ଫକୀରମୋହନଙ୍କ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି । ସମ୍ବିତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରେମୁଣା ବିଧାୟକଙ୍କ ପ୍ରତିନିଧି କାର୍ତ୍ତିକ ଚନ୍ଦ୍ର ଗିରି ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ କବି ପ୍ରଶାନ୍ତ ଦାସ, ସମ୍ମାନିତ ଅତିଥି ଭାବେ ଚନ୍ଦ୍ରମଣୀ ମହାପାତ୍ର, ଗୋପୀନାଥ ଦାସ, କ୍ଷୀତେଶ୍ୱର ଦାସ, ମଧୁସୂଦନ ମିଶ୍ର, ଇଂ ହୃଷିକେଶ ସାହୁ ଉପସ୍ଥିତ ଥିଲେ । ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମକୁ ସ୍ନେହଲତା ଜେନା, ସ୍ମୃତି ପ୍ରଭା ନାଥ, ଜିତେନ ଲେଙ୍କା, ଶିବାନନ୍ଦ ପଣ୍ଡା, ବାବୁଲି ପାଣିଗ୍ରାହୀ, ଅଜିତ ପାଢ଼ୀ, ଭଗବାନ ବେହେରା ପ୍ରମୁଖ ପରିଚାଳନା କରିଥିଲେ ।

## ମତଦାତା ଦିବସ ପାଳନ ପ୍ରସ୍ତୁତି ବୈଠକ

ବାଲେଶ୍ୱର,୧୫।୧(ସମିସ): ଆସନ୍ତା ୨୫ ତାରିଖରେ ଜାତୀୟ ମତଦାତା ଦିବସ ପାଳନ କରାଯିବ । ଏହି ଅବସରରେ ବୁଥ୍ ସ୍ତର ଏବଂ ଜିଲ୍ଲା ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେବ । ବୁଥ୍ ସ୍ତରରେ, ନୂତନ ମତଦାତାମାନଙ୍କୁ ମତଦାତା ପରିଚୟ ପତ୍ର ପ୍ରଦାନ କରାଯିବ । ସେଥିସହିତ ମତଦାତାଙ୍କ ଦ୍ୱାରା ଶପଥ ଗ୍ରହଣ କରାଯିବ ଏବଂ ଇ-ରୋଲ୍ ସହିତ ସମ୍ପର୍କିତ ଅନ୍ୟାନ୍ୟ ବିଷୟ ଉପରେ ବୈଠକ ଅନୁଷ୍ଠିତ ହେବ । ଜିଲ୍ଲା ସ୍ତରରେ, ମତଦାନ ସଚେତନତା ପ୍ରଚାର ପାଇଁ ୱାକାଥନ୍ ଆୟୋଜନ କରାଯିବ । ଏହି ସମସ୍ତ କାର୍ଯ୍ୟକ୍ରମର ସୁଚାରୁ ଆୟୋଜନ ପାଇଁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ ନୀଳଗିରି ସହ ଅନ୍ୟାନ୍ୟ ସମ୍ପୃକ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ତୁଡିଗଡିଆରେ ନଅକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ

ଖଇରା,୧୫ ।୧ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ତୁଡିଆଗଡିଆ ଗାୟତ୍ରୀ ଶକ୍ତିପୀଠରେ ନଅକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ୧୪ ଓ ୧୫ ତାରିଖ ୨ଦିନ ଧରି ଅନୁଷ୍ଠିତ ହୋଇ ଯାଇଛି । ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଆଧ୍ୟାତ୍ମିକ ଧ୍ୱଜା ଉତ୍ତୋଳନ କରିବା ସହ ଶକ୍ତିପୀଠର ଉନ୍ନତି ପାଇଁ ସମସ୍ତ ପ୍ରକାର ସହଯୋଗ କରିବାକୁ ପ୍ରତିଶୃତି ଦେଇଥିଲେ । ଗାୟତ୍ରୀ ପରିବାରର ଜିଲା ମୁଖ୍ୟ ସଂଯୋଜକ ବଳରାମ ଜେନାଉକ୍ତ ଯଜ୍ଞ କର୍ମ ଓ ସଂସ୍କାର ମହୋତ୍ସବ ସଂଚାଳନ କରିଥିଲେ ।

## କୋଟିଆକୋଇଲିରେ ହିନ୍ଦୁ ସମ୍ମିଳନୀ

ଖଇରା,୧୫ ।୧ (ସମିସ): ଖଇରା ମଣ୍ଡଳ ହିନ୍ଦୁ ସମାଜ ପକ୍ଷରୁ କୋଟିଆକୋଇଲି ବାସନ୍ତୀ ପୂଜା ମଣ୍ଡପ ପଡିଆରେ ବୁଧବାର ହିନ୍ଦୁ ସମ୍ମିଳନୀ ଡା. ବ୍ରଜ ସୁନ୍ଦର ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇ ଯାଇଛି । ସକାଳେ ପଡିଆ ସଂଲଗ୍ନ ନଦୀରୁ ଏକ କଳସ ଶୋଭାଯାତ୍ରା ସମ୍ମିଳନୀ ସ୍ଥଳକୁ ଆସିଥିଲା । ପରେ ବ୍ରାହ୍ମଣମାନଙ୍କ ଦ୍ୱାରା ଯଜ୍ଞକର୍ମ ଅନୁଷ୍ଠିତ ହୋଇଥିଲା । ଏଥିସହ ଆୟୋଜିତ ଧାର୍ମିକ ଆଲୋଚନାରେ ଝଟିଆ ଗାୟତ୍ରୀ ପରିବାରର ମୁଖ୍ୟ ଦୀପ୍ତିକାନ୍ତ ଶାସ୍ତ୍ରୀ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସହ ସଂଘ ଚାଳକ ପାର୍ଥସାରଥି ଦାସ, ଦୁର୍ଗାବାହିନୀର ଜିଲା ସଂଯୋଜିକା ମଧୁସ୍ମିତା ମହାପାତ୍ର ପ୍ରମୁଖ ଯୋଗ ଦେଇ ଥିଲେ । ଏହି ଅବସରରେ ସୁଣ୍ଠିରା ଗ୍ରାମର ଶତାୟୁ ପୁରୁଷ ବନମାଳୀ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଗୋପବନ୍ଧୁ ଇଣ୍ଟିଗ୍ରେଟେଡ୍ ସ୍କୁଲର ବାର୍ଷିକ ଉତ୍ସବ




ବାଲେଶ୍ୱର,୧୫।୧(ସମିସ): ଗୋପବନ୍ଧୁ ଇଣ୍ଟିଗ୍ରେଟେଡ଼ ସ୍କୁଲର ବାର୍ଷିକ ଉତ୍ସବ ଗାନ୍ଧୀ ସ୍ମୃତି ଭବନରେ ପାଳିତ ହୋଇଯାଉଛି । ସ୍କୁଲର ସଭାପତି ସୌମେନ୍ଦ୍ର କୁମାର ପାଲଙ୍କ ପୌରୋହିତ୍ୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ କନିକା ପାଲ ସ୍କୁଲର ବାର୍ଷିକ ବିବରଣୀ ପାଠ କରିଥିଲେ । ମୁଖ୍ୟଅତିଥି ଭାବେ ଫକୀର ମୋହନ କନିଷ୍ଠ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ସନ୍ତୋଷ କୁମାର ରାଉତ ଛାତ୍ର ଛାତ୍ରୀମାନଙ୍କୁ ପରୀକ୍ଷାରେ ଅଧିକ ମାର୍କ ଆଣିବାକୁ ମାନସିକ ଚାପ ନ ଦେଇ ଭଲ ମଣିଷ ହେବାକୁ ପ୍ରେରଣା ଦେଇଥିଲେ । ମୁଖ୍ୟବକ୍ତା ଭାବେ ସମାଜସେବୀ ଭବେନ୍ଦୁ ଶେଖର ଉପାଧ୍ୟାୟ, ସମ୍ମାନୀତ ଅତିଥି ଭାବେ ୧୮ ନମ୍ବର ୱାର୍ଡର କାଉନସିଲର ଅର୍ପିତା ପଟ୍ଟନାୟକ ଛାତ୍ରଛାତ୍ରୀଙ୍କୁ ସୁନାଗରିକ ହେବା ପାଇଁ ପରାମର୍ଶ ଦେଇଥିଲେ ।

## ସାର୍ବଜନୀନ ଗଙ୍ଗାମାତା ଓ ଶୀତଳାମାତାଙ୍କ ପୂଜାର୍ଚ୍ଚନା





ଚନ୍ଦନେଶ୍ୱର, ୧୫।୧ (ସମିସ) : ଭୋଗରାଇ ବ୍ଲକ ନାରାୟଣ ମହାନ୍ତି ପଡିଆ ପଞ୍ଚାୟତର ଚନ୍ଦ୍ରାବାଲି ଖଟିଠାରେ ସର୍ବ ପୁରାତନ ସାର୍ବଜନୀନ ଗଙ୍ଗାମାତା, ଶୀତଳାମାତାଙ୍କ ପୂଜୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ପୂଜା ଗତ ୧୩ ତାରିଖ ଠାରୁ ଆରମ୍ଭ ହୋଇ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୧୨ ଦିନଧରି ପୂଜା କମିଟି, ମତ୍ସ୍ୟଜୀବୀ ତଥା ଗ୍ରାମବାସୀଙ୍କ ସାହାଯ୍ୟ ଓ ସହଯୋଗରେ ପ୍ରତି ବର୍ଷ ଭଳି ଚଳିତ ବର୍ଷ ମହା ଆଡମ୍ବରପୂର୍ଣ୍ଣ ଭାବରେ ପାଳିତ ହେଉଛି । ଏଠାକାର ରୀତି ନୀତି ପରମ୍ପରା ଅନୁଯାୟୀ ଗତ ୧୩ ତାରିଖ ଦିନ ଶ୍ରୀ ଶ୍ରୀ ଶୀତଳାମାତା ଓ ଗଙ୍ଗାମାତାଙ୍କ ଘଟୋତ୍ତୋଳନ ସହିତ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା । ୧୪ ତାରିଖ ଦିନ ଶ୍ରୀଶ୍ରୀ ଶୀତଳାମାତା ଓ ଗଙ୍ଗାମାତାଙ୍କ ବଡପୂଜା ହେବା ସହିତ ହଜାର ହଜାର ଶ୍ରଦ୍ଧାଳୁ ଓ ଭକ୍ତଙ୍କ ସମାଗମରେ ଠାକୁରଙ୍କ ପୀଠ ଚଳ ଚଞ୍ଚଳ ହୋଇ ଉଠିଥିଲା । ସୁଉଚ୍ଚ ମଣ୍ଡପ ସାଙ୍ଗକୁ ଗଙ୍ଗାମାତା ଓ ଶୀତଳାମାତାଙ୍କ ଆକର୍ଷଣୀୟ ମୂର୍ତ୍ତି ଏବଂ ରଙ୍ଗବେରଙ୍ଗର ବୈଦୁତ୍ୟିକ ଆଲୋକମାଳାରେ ଝଲସି ଉଠିଛି ପୂଜାମଣ୍ଡପ । ସନ୍ଧ୍ୟାରେ ଚଳଚିତ୍ର ଅଭିନେତ୍ରୀ ଭୂମିକାଙ୍କୁ ଦେଖିବା ପାଇଁ ହଜାର ହଜାର ଦର୍ଶକଙ୍କ ଭିଡ଼ ଜମିଥିଲା । ଆଜି ଗୁରୁବାର ଅପରାହ୍ନରେ ବିଭିନ୍ନ ସ୍କୁଲ ପିଲାମାନଙ୍କ ଦ୍ୱାରା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏ ନେଇ ଆୟୋଜିତ କାର୍ଯ୍ୟକ୍ରମକୁ ନାରାୟଣ ମହାନ୍ତି ପଡିଆ ପଞ୍ଚାୟତର ସରପଞ୍ଚ ରାଧାରାଣୀ ବେହେରା ଉଦଘାଟନ କରିଥିଲେ । କାର୍ଯ୍ୟକ୍ରମ ଦେଖିବା ପାଇଁ ଭୋଗରାଇର ବିଭିନ୍ନ ଅଞ୍ଚଳ ସମେତ ପଶ୍ଚିମବଙ୍ଗ ସୀମାନ୍ତ ଅଞ୍ଚଳରୁ ହଜାର ହଜାର ଦର୍ଶକ ଆସିଥାନ୍ତି । ପୂଜା କମିଟିର ସଭାପତି ପ୍ରଦୀପ ବେହେରା, ସମ୍ପାଦକ ମାଧବ ପ୍ରଧାନ, କାର୍ଯ୍ୟକାରୀ ସଭାପତି ଗୌତମ ବର, କୋଷାଧ୍ୟକ୍ଷ ମାନଗୋବିନ୍ଦ ପାତ୍ର, କମିଟିର ବିଶ୍ୱନାଥ ଗିରି, ନନ୍ଦଦୁଲାଲ ବେଜ, ପୂର୍ଣ୍ଣ ଚନ୍ଦ୍ର ପାତ୍ର, ସୁବୀର ପ୍ରଧାନ, ଗୌରାଙ୍ଗ ଗିରି, ଆନନ୍ଦ ପ୍ରଧାନ, ବ୍ରହ୍ମାନନ୍ଦ ପ୍ରଧାନ, ଜୟଦେବ ବେହେରା, ମାଧବ ଭୂୟାଁ, ବାବୁଲାଲ ବ୍ରହ୍ମନ, ଗୋପାଳ ଗିରି ବସନ୍ତ ମଙ୍ଗଳ ପ୍ରମୁଖ ଏହିସବୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ



ଭୋଗରାଇ, ୧୫।୧ (ସମିସ): ମକର ସଂକ୍ରାନ୍ତି ଅବସରରେ ଭୋଗରାଇ ବ୍ଲକ ଦେହୁର୍ଦ୍ଦା ପଞ୍ଚାୟତ ଅନ୍ତର୍ଗତ ଥାନାଛକ ଠାରେ ଥିବା ବ୍ୟାସକବି ଫକୀରମୋହନ ସେନାପତିଙ୍କ ୧୮୩ ତମ ଜୟନ୍ତୀ ଅବସରରେ ଫକୀରମୋହନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଥିଲା । ସେଠାରେ ଆୟୋଜିତ ପ୍ରଥପାନ୍ତ ସଭାରେ ବିଶିଷ୍ଟ ଶିକ୍ଷାବିତ ପଙ୍କଜାକ୍ଷ ପଣ୍ଡା ସଭାପତିତ୍ୱ କରି କହିଥିଲେ ଫକୀରମୋହନଙ୍କ ଓଡ଼ିଆ ଭାଷା ସୁରକ୍ଷା ପ୍ରତି ଅନବଦ୍ୟ ଅବଦାନ । ଅନ୍ୟମାନଙ୍କ ମଧ୍ୟରେ ୩୩ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ କୁମାର ଜେନା, ପୂର୍ବତନ ସରପଞ୍ଚ ରମାକାନ୍ତ କରଣ, ଶିକ୍ଷକ ନେତା ରାଜେନ୍ଦ୍ର ବିକାଶ ପାତ୍ର, ବିନୋଦ ବିହାରୀ ପାତ୍ର,ପ୍ରଦୀପ ନାୟକ, ରଘୁନାଥ ମହାନ୍ତି, ସୁଦର୍ଶନ ଜେନା, ଚିତ୍ତରଞ୍ଜନ ଦାସ, ରଂଜନ ଗିରି, ଅନାଦି ଦାସମହାପାତ୍ର ପ୍ରମୁଖ ମଦ୍ୟପାନର କୁପରିଣତି ରୋକିବା ପାଇଁ ଗୃହଲକ୍ଷ୍ମୀ ମାନଙ୍କୁ ସାଆନ୍ତାଣୀଙ୍କ ପରି ପେଟେଣ୍ଟ ମେଡ଼ିସିନ ବ୍ୟବହାର କରିବାକୁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ମାନସ କୁମାର ଚନ୍ଦ୍ର, ଅକ୍ଷୟ ପାତ ସହଯୋଗ କରିଥିଲେ ।

## କାଳୀଚରଣ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବାଲିଆପାଳ, ୧୫।୧ (ସମିସ): ଶ୍ରୀରାମପୁର ଗ୍ରାମସ୍ଥିତ କାଳି ଚରଣ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ରମାନାଥ ପାତ୍ର ଉତ୍ସବରେ ସଭାପତିତ୍ୱ କରିଥିଲେ । ଉଦଘାଟକ ତଥା ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ବିଜୟ କୁମାର ଦେ, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଡ. ଦୟାନିଧି ସାହୁ, ସମ୍ମାନିତ ବକ୍ତା ଭାବେ କବି ସୁକୁମାର ଦାସ,ଶିକ୍ଷାବିତ୍ ନାରାୟଣ ପ୍ରସାଦ ସାହୁ, ରାଷ୍ଟ୍ରପତି ପୁରସ୍କୃତ ଅବସର ପ୍ରାପ୍ତ ଶିକ୍ଷକ ଝାଡେଶ୍ୱର ପ୍ରଧାନ, ସିଆରସିସି ପାର୍ଥ ସାରଥୀ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ବାର୍ଷିକ କ୍ରୀଡା, ବିଭିନ୍ନ ଶୈକ୍ଷିକ ଓ ସହ ଶୈକ୍ଷିକ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା । ଶେଷରେ ଖେଳ ଶିକ୍ଷୟିତ୍ରୀ ଅର୍ପିତା ରାଉତଙ୍କ ସଂଚାଳନାରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ଭୋଗରାଇ,୧୫।୧(ସମିସ) : ଭୋଗରାଇ ବ୍ଲକ ଭୋଗରାଇ ପଞ୍ଚାୟତରେ ଥିବା ଶ୍ୟାମ ସୁନ୍ଦର ସଂସ୍କୃତ ମହାବିଦ୍ୟାଳୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସତୀଶ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. ପ୍ରଭାତ ରଞ୍ଜନ ମହାପାତ୍ର, ମୁଖ୍ୟବକ୍ତା ଭାବେ ନିଖିଳ ଉତ୍କଳ ସଂସ୍କୃତ ମହାବିଦ୍ୟାଳୟ ଶିକ୍ଷକ ସଙ୍ଘର ସଭାପତି ଡ. ଜଗବନ୍ଧୁ ମିଶ୍ର, ସମ୍ମାନିତ ଅତିଥି ଭାରତ ଜ୍ୟୋତି ପୁରସ୍କାର ପ୍ରାପ୍ତ ଡାକ୍ତର ଶ୍ରୀଶ କୁମାର ଦାଶ, ଭୋଗରାଇ ପଞ୍ଚାୟତ ସମିତିର ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ପରିଚାଳନା ସମିତିର ପୂର୍ବତନ ସଭାପତି ଜୟକୃଷ୍ଣ ଦତ୍ତ ପ୍ରମୁଖ ଉପସ୍ଥିତ ହୋଇ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଦେବ ଭାଷା ବିକାଶ ପରିଷଦ ଭୋଗରାଇ ପକ୍ଷରୁ ମୁଖ୍ୟ ଅତିଥି ପ୍ରଫେସର ଶ୍ରୀ ମହାପାତ୍ରଙ୍କୁ ପଣ୍ଡିତ ପୁଣ୍ଡରିକାକ୍ଷ ମିଶ୍ର ସ୍ମୃତି ସମ୍ମାନ ପ୍ରଦାନ କରଯାଇଥିଲା । ଅନୁରୂପ ଭାବେ ଉକ୍ତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପକ ସୁବ୍ରତ କୁମାର ପ୍ରଧାନ ଓ ସୁଶାନ୍ତ କୁମାର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା । ଅଧ୍ୟାପକ ସମୀର କୁମାର ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଛାତ୍ର ପ୍ରତିନିଧି ଦେବାଶିଷ କର ବାର୍ଷିକ ବିବରଣୀ ପାଠ କରିଥିଲେ । ଛାତ୍ର ପ୍ରତିନିଧି ନିର୍ମଳ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପକ ବିନୋଦ ଜେନା, ପଦ୍ମଲୋଚନ ପଣ୍ଡା, କହ୍ନେଇଲାଲ ଧରୁଆ, ଗାୟତ୍ରୀ ହେମ୍ବ୍ରମ, ବନସ୍ମିତା ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ବାଇକ ସହ ଦେଶୀମଦ ଜବତ, ଜଣେ ଗିରଫ

ସୋର, ୧୫।୧(ସମିସ): କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ, କଟକ, ୟୁନିଟ -୨ ତରଫରୁ ନାୟକବନ୍ଧ ଛକରେ ଚଢ଼ାଉ କରାଯାଇ ବାଇକ ସହ ଦେଶୀମଦ ଜବତ କରି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । କେନ୍ଦ୍ରାଞ୍ଚଳ ଅବକାରୀ ଆଇଆଇସି ଧିରେନ ବେହେରାଙ୍କ ନେତୃତ୍ୱରେ ଏକ ଟିମ ୧୬ ନମ୍ବର ଜାତୀୟ ରାଜପଥ ନାୟକବନ୍ଧ ଛକ ନିକଟରେ ପେଟ୍ରୋଲିଙ୍ଗ କରୁଥିଲେ । ଏହି ସମୟରେ ବାଲେଶ୍ୱରରୁ ଭଦ୍ରକ ଅଭିମୁଖେ ଆସୁଥିବା ଏକ ବାଇକକୁ ଅଟକାଇ ଯାଞ୍ଚ କରିଥିଲେ । ଯାଞ୍ଚ ପରେ ସେଥିରେ ୫୦ ଲିଟର ଦେଶୀମଦ ଚାଲାଣ ହେଉଥିବା ଜାଣିପାରି ବାଇକ ସହ ମଦକୁ ଜବତ କରି ରେମୁଣା ଥାନା ହରପୁର ଦାସସାହି ଗ୍ରାମର ସଞ୍ଜୟ ଦାସକୁ ଗିରଫ କରିଥିଲେ । ଅପରାହ୍ନରେ ସୋର ଡାକ୍ତରଖାନାରେ ତାର ଡାକ୍ତରୀ ମାଇନା ପରେ ତାକୁ କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ାଉରେ ଏସଆଇ ଦିବ୍ୟଜ୍ୟୋତି ସତ୍ୟପ୍ରକାଶ, ଏଏସଆଇ କିଶୋର ରାଉତ, ଜଗନ୍ନାଥ ପାଢ଼ୀ, କନେଷ୍ଟବଳ ରାଜେଶ କିଷାନ, ବସନ୍ତ ମଲ୍ଲିକ,ଜଗନ୍ନାଥ ନାୟକ,ଯୋଗେନ୍ଦ୍ର ସାହୁ ପ୍ରମୁଖ ସାମିଲ ହୋଇଥିଲେ ।

## ଏକଦିବସୀୟ ଦିବାରାତ୍ର ଭଲିବଲ୍ ଟୁର୍ଣ୍ଣାମେଣ୍ଟ

ରେମୁଣା,୧୫।୧ (ସମିସ): ପବିତ୍ର ମକର ସଂକ୍ରାନ୍ତି ଅବସରରେ ଉଡ଼ମ୍ବର ଗ୍ରାମରେ ୪୫ ତମ ଅଚ୍ୟୁତନନ୍ଦ ଏବଂ ସୋମନାଥ ମେମୋରିଆଲ ଏକ ଦିବସୀୟ ଦିବାରାତ୍ର ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟକୁ ଅତିଥି ଭାବେ ସରକାରୀ ଦଳର ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଯୋଗଦେଇ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ପୂର୍ବତନ ପ୍ରଧାନ ଶିକ୍ଷକ କରୁଣାକର ଖଟୁଆ, ସାଂସଦଙ୍କ ପ୍ରତିନିଧି ଉମାକାନ୍ତ ପଣ୍ଡା, ସମାଜସେବୀ ଦାମୋଦର ବିଶ୍ୱାଳ, ଅବନୀକାନ୍ତ ପ୍ରଧାନ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ସଭାପତି ବିନୋଦ ବିହାରୀ ଜେନା, ଉପସଭାପତି ଜୟନ୍ତ ମଣ୍ଡଳ, ସଂପାଦକ ଦିନବନ୍ଧୁ ଦାସ, ଦେବେନ୍ଦ୍ର ଜେନା, ଦେବାଶିଷ ଜେନା, ସୌମ୍ୟରଞ୍ଜନ ଜେନାଙ୍କ ସମେତ ସମସ୍ତ ସଦସ୍ୟଙ୍କ ନେତୃତ୍ୱରେ ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା । ଏଥିରେ ୪ ଟିମ୍ ଯଥା ୟୁପି ଟାଇଗର, ଭୋଗରାଇ,ଏସିଏଫ୍ ଡମିନେଟର ଭୁବନେଶ୍ୱର, ବାଲେଶ୍ୱର ସ୍ପୋର୍ଟସର ଖେଳାଳିମାନେ ଅଂଶଗ୍ରହଣ କରିଥିଲେ । କମଳାକାନ୍ତ ବେହେରା, ମାନସ ରଞ୍ଜନ ମିଶ୍ର, ରବିନ୍ଦ୍ର ଖଟୁଆ, ହିମାଦ୍ରି ମଣ୍ଡଳ, ଧନଞ୍ଜୟ ତ୍ରିପାଠୀ, ଚାରୁଚନ୍ଦ୍ର ନାୟକ ରେଫରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ ।

## ଦୁର୍ଘଟଣା ପ୍ରବଣ ଅଞ୍ଚଳରେ ଟ୍ରମା ସେଣ୍ଟର ଲାଗି ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଜଳେଶ୍ୱର,୧୫।୧ (ସମିସ)



ବ୍ୟସ୍ତ ବହୁଳ ଜଳେଶ୍ୱର ବ୍ଲକରେ ୬୦ ନଂ ଜାତୀୟ ରାଜପଥ ଓ ଚଳ ଚଞ୍ଚଳ ୫୭ ନଂ ରାଜ୍ୟ ରାଜପଥ ଯାଇଥିବାରୁ ଦୁର୍ଘଟଣା ପ୍ରବଣ ଅଞ୍ଚଳ ଭାବେ ଜଳେଶ୍ୱର ସଦା ଶିରୋନାମାରେ ରହୁଅଛି । ନିକଟରେ ମୁଖ୍ୟମନ୍ତ୍ରୀ ୮ ୯ଟି ଟ୍ରମା ସେଣ୍ଟର ପ୍ରତିଷ୍ଠା ଲାଗି ଘୋଷଣା କରିଥିବା ବେଳେ ଜଳେଶ୍ୱର ସ୍ଥାନ ପାଇ ନଥିବାରୁ ଜଳେଶ୍ୱର ସରକାରୀ ମେଡ଼ିକାଲ କଲେଜ ଓ ହସପିଟାଲ ଏକ୍ସନ କମିଟି ତହସିଲ ସମ୍ମୁଖରେ କ୍ଷୋଭ ପ୍ରକାଶ କରିଥିଲେ । ଗୁରୁବାର ପୂର୍ବାହ୍ନରେ ଶାଖା କମିଟିର ସଭାପତି କମଳ ଚକ୍ରବର୍ତ୍ତୀ ସଭାପତିତ୍ୱରେ ସମ୍ପାଦକ ଶିକ୍ଷାବିତ୍ ଡଃ ଅଜିତ କୁମାର ମହାନ୍ତି, କେନ୍ଦ୍ରୀୟ କମିଟିର ସମ୍ପାଦକ ଦିଲ୍ଲୀପ କୁମାର ଗିରି, ପ୍ରାକ୍ତନ ଅଧ୍ୟକ୍ଷ ଜିତାରାମ ଦେ, ମନୋରଞ୍ଜନ ଦାସ, ଶରତ ଚନ୍ଦ୍ର ପରିଡା, ଅଶୋକ କୁମାର ଦାସ, ଭାସ୍କର ମିଶ୍ର, ରବିନ୍ଦ୍ର ବାରିକ, ପ୍ରଶାନ୍ତ ପାତ୍ର ପ୍ରମୁଖ ଟ୍ରମା ସେଣ୍ଟର ଆବଶ୍ୟକତା ସମ୍ପର୍କରେ ଦୃଢ଼ ଯୁକ୍ତି ଉପସ୍ଥାପନା କରିଥିଲେ । ଭୋଗରାଇ, ଜଳେଶ୍ୱର, ରାଇବଣିଆ, ବାଲିଆପାଳ, ବସ୍ତା, ରାସଗୋବିନ୍ଦପୁର, ପଶ୍ଚିମବଂଗରୁ ହଜାର ହଜାର ଦୁର୍ଘଟଣା ଗ୍ରସ୍ତ ରୋଗୀ ଛୁଟି ଆସୁଥିବା ବେଳେ ଟ୍ରମା ସେଣ୍ଟର ନଥିବାରୁ ଉପଯୁକ୍ତ ଚିକିତ୍ସା ନପାଇ ମୃତ୍ୟୁମୁଖରେ ପଡୁଛନ୍ତି । ଜିକେ ଭଟ୍ଟର ହସ୍ପିଟାଲରେ ଟ୍ରମା ସେଣ୍ଟର ପ୍ରତିଷ୍ଠା ଲାଗି ଦୀର୍ଘ ୧୫ ବର୍ଷ ଧରି ସଂଗଠନ ବାରମ୍ବାର ଦାବି କରୁଥିଲେ ସରକାର ଅଣଦେଖା କରିଆସୁଛନ୍ତି । ସଠିକ୍ ବ୍ୟବସ୍ଥା ନଥିବାରୁ ଦୁର୍ଘଟଣା ହେଲେ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରି ସଂଗେ ସଂଗେ ଅନ୍ୟ ହସ୍ପିଟାଲକୁ ରେଫର କରାଯାଉଛି । ଫଳରେ ରୋଗୀ ମାନେ ଆପାଦ କାଳୀନ ଚିକିତ୍ସା ନପାଇ ମୃତ୍ୟୁମୁଖରେ ପଡୁଥିବା ନଜିର ରହିଛି । ତେଣୁ ହସ୍ପିଟାଲରେ ଟ୍ରମା ସେଣ୍ଟର ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଜଳେଶ୍ୱର ତହସିଲଦାର ଓ ମ୍ୟୁନିସିପାଲଟି କାର୍ଯ୍ୟନିର୍ବାହୀଙ୍କ ଜରିଆରେ ଦାବି ପତ୍ର ପ୍ରଦାନ କରାଯାଇଛି । ଉକ୍ତ ପଥପ୍ରାନ୍ତ ସଭାରେ ଆପତୋଷ ପାଳ, ସବିତା ଭୂୟାଁ, ସୂର୍ଯ୍ୟ କୁମାର ମିଶ୍ର, ବିଜୁ କୁମାର ଦଳେଇ, ନିତ୍ୟ ନାୟକ ଦାସ, ବଂଶୀ କୁମାର ଘଡ଼େଇ ପ୍ରମୁଖ ଟ୍ରମା ସେଣ୍ଟର ପ୍ରତିଷ୍ଠା ନେଇ ଦୃଢ଼ ଦାବି ଉପସ୍ଥାପନ କରିଥିଲେ ।

